## ଠେଙ୍ଗା ମାଡ଼ରେ ଦମ୍ପତି ଗୁରୁତର

ହିଞ୍ଜିଳିକାଟୁ,(ଡି.ଏନ୍.ଏ):ହିଞ୍ଜିଳି ଥାନା କଞ୍ଚୁରୁ ଗ୍ରାମରେ ସୋମବାର ଜଣେ ବ୍ୟକ୍ତିଙ୍କ ଠେଙ୍ଗାମାଡ଼ରେ ଉକ୍ତ ଗାଁର ଦମ୍ପତି ଗୁରୁତର ହୋଇଛନ୍ତି। ସେମାନେ ହେଲେ ଗୋବିନ୍ଦ ସେଠୀ(୫୮) ଓ ତାଙ୍କ ସ୍ତ୍ରୀ ପାର୍ବତୀ (୫୦)। ଦମ୍ପତିଙ୍କ ଅଭିଯୋଗକୁ ଭିତ୍ତି କରି ସ୍ଥାନୀୟ ପୋଲିସ ନଂ. ୧୭୯/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗିରଫ ଭୟରେ ଅଭିଯୁକ୍ତ ଫେରାର ଅଛନ୍ତି। ପ୍ରକାଶ ଯେ, ସୋମବାର କଞ୍ଚୁରୁ ଗ୍ରାମର ପାର୍ବତୀ ଘର ବାରଣ୍ଡାରେ ଠିଆ ହୋଇଥିବା ବେଳେ ସେହି ଗ୍ରାମର ଜଣେ ବ୍ୟକ୍ତି ନିଶାସକ୍ତ ହୋଇ ମହିଳାଙ୍କୁ ଗାଳି ଗୁଲଜ କରିଥିଲେ। ମହିଳା ଜଣକ ପ୍ରତିବାଦ କରିବାରୁ ସମ୍ପୃକ୍ତ ବ୍ୟକ୍ତି ଏକ ଠେଙ୍ଗାରେ ପାର୍ବତୀଙ୍କୁ ଆକ୍ରମଣ କରିଥିଲେ। ସ୍ତ୍ରୀଙ୍କୁ ଉଦ୍ଧାର କରିବାକୁ ଯାଇ ଗୋବିନ୍ଦ ମଧ ଆକ୍ରମଣର ଶିକାର ହୋଇଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ହିଞ୍ଜିଳିକାଟୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ସଂକ୍ଷେପରେ

### ଶେରଗଡ଼ରେ ନୂତନ ବିଡିଓଙ୍କ ଯୋଗଦାନ

**ଶେରଗଡ଼,୨୦।୪(ଡି.ଏନ୍.ଏ.):** ଶେରଗଡ଼ ବ୍ଲକରେ ନୂତନ ବିଡିଓ ଭାବେ ଶମ୍ଭୁନାଥ ନନ୍ଦି କାର୍ଯ୍ୟରେ ଯୋଗଦେଇଛନ୍ତି। ସେ ଏହା ପୂର୍ବରୁ ପୋଲସରାର ବିଡିଓ ଥିଲେ। ଶେରଗଡରେ ପୂର୍ବରୁ ଥିବା ବିଡିଓ ସୁରଞ୍ଜନ କୁମାର ସାହୁଙ୍କ ପୋଲସରାକୁ ବଦଳି ହୋଇଛି। ଶେରଗଡରେ ନୂତନ ବିଡିଓ ନନ୍ଦି ଦାୟିତ୍ୱ ନେବା ପରେ କର୍ମଚାରୀମାନଙ୍କୁ ନେଇ ଏକ ବୈଠକ କରିଥିଲେ। ବ୍ଲକର ସମସ୍ତ କାର୍ଯ୍ୟ ସୁରୁଖୁରୁରେ ପରିଚାଳନା କରିବାନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

### ଅଭିଯୁକ୍ତ କୋର୍ଟ ଚାଲାଣ

#### ମହିଳା ମୃତ୍ୟୁ ଘଟଣା

**ପାତ୍ରପୁର,୨୦।୪(ଡି.ଏନ.ଏ.):** ଜରଡ଼ା ଥାନା ବୁରାଡାଲ ପଞ୍ଚାୟତ କୁସମଲା ଜଙ୍ଗଲରେ ଶିକାରୀ ଗୁଳିରେ ଗୁରୁତର ହୋଇଥିବା ମମିତା ଭୂୟାଁଙ୍କ ସୋମବାର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଜରଡ଼ା ପୋଲିସ ମଙ୍ଗଳବାର ଶିକାରୀଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ଜଗନ୍ନାଥ ଭୂୟାଁ। କୁସମଲା ଗ୍ରାମର ଦୁର୍ଲ୍ଲଭ କାର୍ଜିଙ୍କ ଝିଅ ମମିତା ଶନିବାର ଜଙ୍ଗଲରେ ଜାଳେଣି କାଠ ସଂଗ୍ରହ କରୁଥିବା ବେଳେ ଜଗନ୍ନାଥଙ୍କ ବନ୍ଧୁକ ଗୁଳିବାଜି ଗୁରୁତର ହୋଇଥିଲେ। ଜଗନ୍ନାଥ ମମିତାଙ୍କୁ ନିଜ ଘରେ ନେଇ ଚେରମୂଳି ଚିକିତ୍ସା କରିଥିଲେ ମଧ ଦୁର୍ଲ୍ଲଭଙ୍କୁ ଦେଇ ନ ଥିଲେ। ଦୁର୍ଲ୍ଲଭଙ୍କ ଏତଲା କ୍ରମେ ପୋଲିସ ରବିବାର ନଂ. ୮୫/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସୋମବାର ପୋଲିସ ମମିତାଙ୍କୁ ମେଡିକାଲ ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ସୋମବାର ରାତିରେ ଗାଁରେ ସତ୍କାର କରାଯାଇଛି।

### ଶତାୟୁ ମହିଳାଙ୍କ ପରଲୋକ

**ଆସିକା,୨୦।୪(ଡି.ଏନ୍.ଏ.):** ଆଜାଦ ହିନ୍ଦ୍ ଫୌଜର ସକ୍ରିୟ ସଦସ୍ୟ ସ୍ୱର୍ଗତ ଜୟ୍ ମହାରାଣାଙ୍କ ଧର୍ମପତ୍ନୀ କୌତୁକି ମହାରଣାଙ୍କ ସୋମବାର ସକାଳେ ଆସିକା ବ୍ଲକ ମୁନିଗାଡିସ୍ଥିତ ନିଜ ବାସଭବନରେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୧୦୭ ବର୍ଷ ହୋଇଥିଲା । ତାଙ୍କ ମୃତ୍ୟୁ ଖବରପାଇ ମୁନିଗାଡି ସରପଞ୍ଚ ମନୋଜ କୁମାର ପୋଲାଇ, ଅବସରପ୍ରାପ୍ତ ପୋଷ୍ଟ ମାଷ୍ଟର ବଂଶୀଧର ଗୌଡ, ଭଞ୍ଜ କିଶୋର ଗୌଡ, ରତ୍ନାକର ସାହୁ, ବାଳକୃଷ୍ଣ ସାବତଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ । ସନ୍ଧ୍ୟାରେ ମର ଶରୀରକୁ ପୁରୀ ସ୍ୱର୍ଗଦ୍ୱାରରେ ସତ୍କାର କରାଯାଇଛି ।

#### ଖବରଦାତାଙ୍କ ବିୟୋଗ

### ପରିବାରକୁ ପ୍ରଶାସନ ପକ୍ଷରୁ ସହାୟତା ପ୍ରଦାନ

**ଶେରଗଡ଼,୨୦।୪(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଶେରଗଡ଼ ବ୍ଲକ ଅଞ୍ଚଳର ଜଣେ ବରିଷ୍ଠ ଖବରଦାତାଙ୍କ ମଙ୍ଗଳବାର ବିୟୋଗ ହୋଇଛି। ସେ ହେଲେ ସେରାଙ୍କୁଡା ଗ୍ରାମର କରୁଣାକର ସାହୁ (୫୩)। କରୁଣାକର କିଛିଦିନ ତଳେ ଶେରଗଡ଼ ଡାକ୍ତରଖାନାରେ ସ୍ୱାବ ପରୀକ୍ଷା କରାଇଥିଲେ। ରିପୋର୍ଟ ପଜିଟିଭ୍ ଆସିଥିଲା। ତେଣୁ ସେ ଘରେ ସଙ୍ଗରୋଧରେ ରହିଥିଲେ ବୋଲି ପରିବାର ଲୋକେ କହିଛନ୍ତି। ମଙ୍ଗଳବାର ହଠାତ୍ ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ କରୁଣାକରଙ୍କୁ ହିଞ୍ଜିଳିକାଟୁ ଡାକ୍ତରଖାନାକୁ ନିଆଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଖବର ପହଞ୍ଚିବା ପରେ ଶେରଗଡ ପ୍ରେସ କ୍ଲବ ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି। ସନ୍ଧ୍ୟାରେ ମୃତ କରୁଣାକରଙ୍କ ପରିବାରକୁ ଶେରଗଡ଼ ତହସିଲଦାର ଡ.ଦୟାସିନ୍ଧୁ ପରିଡା ଓ ପୂର୍ବତନ ବିଡିଓ ସୁରଞ୍ଜନ କୁମାର ସାହୁ ଭେଟି ୨୫ ହଜାର ଟଙ୍କା ପ୍ରଦାନ କରିଛନ୍ତି।

### ବ୍ୟବସାୟୀଙ୍କ ଆତ୍ମହତ୍ୟା

**ବୁଗୁଡ଼ା,୨୦।୪(ଡି.ଏନ.ଏ.):** ବୁଗୁଡ଼ା ବ୍ଲକ ଛକ ନିକଟରେ ହୋଲସେଲ ଷ୍ଟେଶନାରୀ ଦୋକାନ କରିଥିବା ଗାଙ୍ଗପୁର ଥାନା ଅନ୍ତର୍ଗତ ପାଇଲିପଡ଼ା ଗ୍ରାମର ପୀତାମ୍ବର ସାହୁ ଛାତ ହୁକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମଙ୍ଗଳବାର ବୁଗୁଡ଼ା ଥାନା ଏସ୍‌ଆଇ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ପଠାଇଥିଲେ। ଏ ନେଇ ନଂ.୮/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ପୀତାମ୍ବରଙ୍କ ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡ଼ି ନ ଥିବା ବେଳେ ଏକତରଫା ପ୍ରେମରୁ ସେ ଏପରି କରିଥିବା ଚର୍ଚ୍ଚା ହେଉଛି।

# ଘରକୁ ଘର ବୁଲି ସ୍ୱାସ୍ଥ୍ୟ ସ୍କ୍ରିନିଂ ଆରମ୍ଭ

**ଛତ୍ରପୁର,୨୦।୪(ଡି.ଏନ୍.ଏ.)**

ଗଞ୍ଜାମ ଜିଲାରେ ମଙ୍ଗଳବାରଠାରୁ ଘରକୁ ଘର ବୁଲି ସ୍ୱାସ୍ଥ୍ୟ ସ୍କ୍ରିନିଂ ଆରମ୍ଭ ହୋଇଛି। ପରିବାରର ସମସ୍ତ ସଦସ୍ୟଙ୍କ ଥର୍ମାଲ ସ୍କ୍ରିନିଂ ଓ ଅକ୍ସିମିଟରରେ ଅକ୍ସିଜେନସ୍ତର ଯାଞ୍ଚ କରାଯାଉଛି। ଏଥିସହ ସମସ୍ତଙ୍କୁ କୋଭିଡ୍ ସହାୟତା, ଟେଲି ମେଡ଼ିସିନ ଓ ସ୍ୱାବ ପରୀକ୍ଷା ସହାୟତା ନମ୍ବର ସମ୍ପର୍କରେ ଅବଗତ କରାଯାଉଛି। ଏଏନ୍ଏମ୍, ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ ଏହି କାର୍ଯ୍ୟ ତୁଲାଉଛନ୍ତି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଛତ୍ରପୁର ବ୍ଲକ କଣମଣା ପଞ୍ଚାୟତରେ ଏହି କାର୍ଯ୍ୟକ୍ରମର ଅନୁଧ୍ୟାନ କରିଥିଲେ। ଏହି ସମୟରେ ଛତ୍ରପୁର ବିଡିଓ ଅମ୍ବିକା ପ୍ରସାଦ ଦାଶ, ସିଡିପିଓ କ୍ରିଷ୍ଣା ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ସ୍କ୍ରିନିଂ ବେଳେ ଯାହାର ଲକ୍ଷଣ ଦେଖାଯାଉଛି ତାଙ୍କୁ କରୋନା ଟେଷ୍ଟ ପାଇଁ ପରାମର୍ଶ ଦିଆଯାଉଛି। କେହି ଲକ୍ଷଣ ନ ଲୁଚାଇବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି । ସମସ୍ତ ବ୍ଲକ ଓ ଏନଏସିସ୍ତରରେ କୋଭିଡ୍ ସହାୟତା କେନ୍ଦ୍ର ଖୋଲାଯାଇଥିବା ବେଳେ ଏହାର ନମ୍ବର ଜିଲାପାଳ ଟୁଇଟ୍‌ରରେ ଜାରି କରିଛନ୍ତି। ଏଥିସହ ଟେଷ୍ଟିଙ୍ଗ ସେଣ୍ଟରର ମଧ ବ୍ଲକସ୍ତରର ଠିକଣା ଓ ନମ୍ବର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଟୁଇଟ ସହ ଅବଗତ କରାଯାଉଛି।

## ଅନୁଧ୍ୟାନ କଲେ ଜିଲାପାଳ, ଜିଲାରେ ଆଉ ୪୯ ପଜିଟିଭ




କଣମଣା ପଞ୍ଚାୟତରେ ଜିଲାପାଳ ଅନୁଧ୍ୟାନ କରୁଛନ୍ତି ।

ଜିଲାରେ ଆଉ ୪୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ମଙ୍ଗଳବାର ସୂଚନର ଦିଆଯାଇଛି। ସେହିପରି ୩୧ ଜଣ ସୁସ୍ଥ ମଧ ହୋଇଛନ୍ତି । ବର୍ତ୍ତମାନ ଜିଲାରେ ୩୯୦ ସକ୍ରିୟ କରୋନା ଆକ୍ରାନ୍ତ ଅଛନ୍ତି । ସୋମବାର ଜିଲ୍ଲାରେ ୨ ହଜାର ୩୦ ଜଣଙ୍କ କୋଭିଡ଼ ଟେଷ୍ଟ ହୋଇଥିଲା। ଚିହ୍ନଟ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ବ୍ରହ୍ମପୁର ସହରରୁ ସର୍ବାଧିକ ୨୦ ଜଣ ଥିବାବେଳେ ଆସିକା, ବେଲଗୁଣ୍ଠା, ଚିକିଟି, ଦିଗପହଣ୍ଡି, ହିଞ୍ଜିଳିକାଟୁ, କବିସୂର୍ଯ୍ୟନଗର, ରଙ୍ଗେଇଲୁଣ୍ଡା ଓ ସୋରଡ଼ାରୁ ୨ ଜଣ ଲେଖାଏ, ବୁଗୁଡ଼ାରୁ ୩ ଜଣ, ଭଞ୍ଜନଗର, ଗଞ୍ଜାମ, କୁକୁଡାଖଣ୍ଡି, ପାତ୍ରପୁର ଓ ଶେରଗଡ଼ରୁ ଜଣେ ଲେଖାଏ ଏବଂ ଅନ୍ୟ ସ୍ଥାନର ୫ ଜଣ ଅଛନ୍ତି। ଗଞ୍ଜାମ ପୋଲିସ ଜିଲା ପକ୍ଷରୁ ଗତ ୨୪ ଘଣ୍ଟା ମଧ୍ୟରେ ଅମାନିଆ ଓ କୋଭିଡ୍ ନିୟମ ଖିଲାପକାରୀଙ୍କଠାରୁ ୩ ଲକ୍ଷ ୪ ହଜାର ୩୦୦ ଟଙ୍କା ଜରିମାନା ଆଦାୟ ହୋଇଥିବା ଏସ୍‌ପି ବ୍ରିଜେଶ କୁମାର ରାଏ ଟୁଇଟ କରି ସୂଚନା ଦେଇଛନ୍ତି । ଏଥିସହ ୨ଜଣ ଅମାନିଆଙ୍କର ଡ୍ରାଇଭିଂ ଲାଇସେନ୍ସ ଜବତ କରାଯାଇଛି। ବେଆଇନ ମଦ କାରବାର ଉପରେ ଚଢାଉ କରାଯାଇ ୬ ଜଣଙ୍କୁ ଗିରଫ କରାଯିବା ସହ ୧୨୧.୨ ଲିଟର ମଦ ଜବତ ହୋଇଛି।

# ଶ୍ରମ ଅଧିକାରୀଙ୍କ ଦ୍ୱାରସ୍ଥ ବହିଷ୍କୃତ କର୍ମଚାରୀ

**ପାରଳାଖେମୁଣ୍ଡି,୨୦।୪(ଡି.ଏନ୍.ଏ.)**

## ଏମ୍‌କେସିଜି ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟ

ଗଜପତି ଜିଲା ମୋହନା ସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟରେ ଦୀର୍ଘବର୍ଷ ଧରି ଅବ୍ୟବସ୍ଥା ଲାଗି ରହିଥିବା ଜିଲା ଶ୍ରମ କାର୍ଯ୍ୟାଳୟରେ ଅଭିଯୋଗ ହୋଇଛି। ସମ୍ପୃକ୍ତ ବିଦ୍ୟାଳୟର ବହିଷ୍କୃତ କର୍ମଚାରୀ ପ୍ରାୟ ଦୁଇ ବର୍ଷର ପାଉଣା ପାଇନାହାନ୍ତି। ବିଦ୍ୟାଳୟର ସମ୍ପାଦକ ଦଣ୍ଡାସି ସାହୁ ବହିଷ୍କୃତ ହୋଇଥିବାରୁ ସେମାନେ ସମସ୍ୟା ସମାଧାନ ପାଇଁ ଜିଲା ଶ୍ରମ ଅଧିକାରୀ ସୁବାସ ମଣ୍ଡଳଙ୍କୁ ଫେରାଦ ହୋଇଥିଲେ। ସେହି ଅନୁସାରେ ସମ୍ପାଦକଙ୍କୁ ଶ୍ରମ ଅଧିକାରୀଙ୍କ ପକ୍ଷରୁ ଦୁଇଟି ଚିଠି କରାଯାଇଥିଲେ ମଧ ସେ ହେୟ ମନେ କରି କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ନ ଥିଲେ। ସମ୍ପାଦକଙ୍କୁ ଶ୍ରମ ଅଧିକାରୀ ତୃତୀୟ ଚିଠି ପ୍ରେରଣ କରିଥିଲେ। ଚିଠି ଅନୁସାରେ ସୋମବାର ସମ୍ପାଦକ ଓ ବହିଷ୍କୃତ କର୍ମଚାରୀମାନେ ଶ୍ରମ ଅଧିକାରୀଙ୍କ ନିକଟରେ ଉପସ୍ଥିତ ହୋଇଥିଲେ। ସମ୍ପାଦକ ଆଣିଥିବା ଖାତାପତ୍ରକୁ ଶ୍ରମ ଅଧିକାରୀ ଯାଞ୍ଚ କରି ସେଥିରେ କର୍ମଚାରୀଙ୍କ ନକଲି ଦସ୍ତଖତ କରାଯାଇଥିବାର ପ୍ରମାଣ ପାଇଥିଲେ । ପରେ ସମସ୍ୟା ସମାଧାନର ରାସ୍ତା ବାହାରି ନ ପାରିବାରୁ କର୍ମଚାରୀମାନେ ଶ୍ରମ ଅଦାଲତର ଆଶ୍ରୟ ନେବାକୁ ଶ୍ରମ ଅଧିକାରୀଙ୍କୁ କହିଥିଲେ। ଏହାକୁ ଶ୍ରମ ଅଧିକାରୀ ସମ୍ମତି ଜଣାଇଥିବା ସୂଚନା ମିଳିଛି ।

# ତାରାତାରିଣୀଙ୍କ ପୀଠ ଖାଁ ଖାଁ



ବାସନ୍ତିକ ଦୁର୍ଗା ବେଶରେ ମା ତାରାତାରିଣୀ ।

**ପୁରୁଷୋତ୍ତମପୁର,୨୦।୪(ଡି.ଏନ.ଏ.)**

## ଚତୁର୍ଥପାଳି ଚୈତ୍ର ମଙ୍ଗଳବାର ଯାତ୍ରା

ମା' ତାରାତାରିଣୀଙ୍କ ଚତୁର୍ଥ ପାଳି ଚୈତ୍ର ମଙ୍ଗଳବାର ଯାତ୍ରା କରୋନା କଟକଣା ମଧ୍ୟରେ ଶେଷ ହୋଇଛି। ରାତି ସାଢ଼େ ୨ଟାରୁ ମନ୍ଦିର ଦ୍ୱାର ଫିଟାଯାଇ ପରମ୍ପରା ଅନୁସାରେ ମଙ୍ଗଳ ଆଳତି, ଅବକାଶ ନୀତି, ମାଜଣା, ଅଭିଷେକ, ଶୃଙ୍ଗାର ଆଦି ପୂଜାର୍ଚ୍ଚନା କରାଯାଇ ମା' ତାରାତାରିଣୀ ଦୁଇ ଭଉଣୀଙ୍କୁ ବାସନ୍ତିକ ଦୁର୍ଗା ବେଶରେ ସଜ୍ଜିତ କରାଯାଇ ସକାଳ ୬.୧୫ରେ ସାହାଣ ମେଳା ହୋଇଥିଲା। କୋଭିଡ୍ ନିୟମ ଅନୁସାରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମା'ଙ୍କ ଦର୍ଶନ ଲାଗି ବାରଣ କରିଥିବାରୁ କୌଣସି ଭକ୍ତ ଆସି ନ ଥିବାରୁ ମନ୍ଦିର ସମ୍ପୂର୍ଣ୍ଣ ଖାଁ ଖାଁ ହୋଇପଡିଥିବା ଦେଖିବାକୁ ମିଳିଥିଲା। ପୁରୁଷୋତ୍ତମପୁର ତହସିଲଦାର ନୀତୀଶ କୁମାର ତ୍ରିପାଠୀ, ଅତିରିକ୍ତ ତହସିଲଦାର ସୁନୀଲ୍ କୁମାର ଟୁଡୁ, ବିଡିଓ ବିଜୟ କୁମାର ଉପସ୍ଥିତି ଥିଲେ। ଏସ୍‌ଡିପିଓ ସୀମା ସ୍ୱାଇଁଙ୍କ ନେତୃତ୍ୱରେ ଆଇଆଇସି ଜଗନ୍ନାଥ ମଲ୍ଲିକଙ୍କ ସହ ପୋଲିସ ଫୋର୍ସ ତାରାତାରିଣୀ ପୀଠକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ବିଭିନ୍ନ ସ୍ଥାନରେ ଜଗି ରହି ଲୋକଙ୍କୁ ମନ୍ଦିରକୁ ଯିବା ଲାଗି ମନା କରିଥିଲେ। ମନ୍ଦିର ନିର୍ବାହୀ ଅଧିକାରୀ ଟିକେ ରେଡ୍ଡୀଙ୍କ ତତ୍ତ୍ୱାବଧାନରେ ସେବାୟତ ବାପୁଜୀ ରଣା, ତପନ କୁମାର ରଣାଙ୍କ ସମେତ ସମସ୍ତ ସେବାୟତ ପୂଜାର୍ଚ୍ଚନା କରିଥିଲେ।

# କନ୍ଧମାଳରେ ୨୫ ଆକ୍ରାନ୍ତ ଚିହ୍ନଟ

**ଫୁଲବାଣୀ ଅଫିସ, ୨୦।୪**

କରୋନାର ଦ୍ରୁତ ସଂକ୍ରମଣକୁ ପ୍ରତିହତ କରିବା ପାଇଁ କନ୍ଧମାଳ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ମଙ୍ଗଳବାର ଜିଲାରେ ୨୫ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ଦ୍ୱିତୀୟ ଲହରରେ ଆକ୍ରାନ୍ତଙ୍କ ସଂଖ୍ୟା ୧୪୦ ଟପିଛି। ଗତ ଦୁଇ ଦିନ ହେଲା ଫୁଲବାଣୀ ସହରରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସହରାଞ୍ଚଳଗୁଡିକରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ଏବେ ରାତି ୯ଟାରୁ ସକାଳ ୫ଟା ପର୍ଯ୍ୟନ୍ତ କର୍ଫ୍ୟୁ ବଳବତ୍ତର ରହୁଛି । ସରକାର ପ୍ରତି

## ସପ୍ତାହାନ୍ତ ଶଟ୍‌ଡାଉନ୍ ନ ମାନିଲେ କାର୍ଯ୍ୟାନୁଷ୍ଠାନ

ଶନିବାର ଏବଂ ରବିବାର ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଏହି ସମୟରେ ଜରୁରୀ ସେବା ଜାରି ରହିବ। ଜରୁରୀ ସେବାରେ ନିୟୋଜିତ କର୍ମଚାରୀ, ଶିଳ୍ପ ସଂସ୍ଥା, ନିର୍ମାଣ କାର୍ଯ୍ୟ, ଲଜ୍‌ରେ କାର୍ଯ୍ୟରତ କର୍ମଚାରୀ କଟକଣାରୁ ମୁକ୍ତ ରହିବେ। ଏମାନଙ୍କ ପାଇଁ ଜିଲା ପ୍ରଶାସନ ତରଫରୁ କୌଣସି ସ୍ୱତନ୍ତ୍ର ଅନୁମତି ପତ୍ର ପ୍ରଦାନ କରାଯିବ ନାହିଁ। ସମ୍ପୃକ୍ତ ବ୍ୟକ୍ତିବିଶେଷ ସେମାନଙ୍କ ଅନୁଷ୍ଠାନ ଦ୍ୱାରା ପ୍ରଦତ୍ତ ପରିଚୟପତ୍ର ଦେଖାଇପାରିବେ ବୋଲି କୁହାଯାଇଛି। ସେହିପରି ଜିଲା ପ୍ରଶାସନ ଦ୍ୱାରା ପ୍ରାଧୀକୃତ ଅଧିକାରୀଙ୍କ ଅନୁମତି କ୍ରମେ ବିବାହ ଓ ଅନ୍ତ୍ୟେଷ୍ଟିକ୍ରିୟା ବ୍ୟତୀତ ଅନ୍ୟ କୌଣସି ସାର୍ବଜନୀନ ସାମାଜିକ କାର୍ଯ୍ୟ ସମ୍ପାଦନ କରାଯାଇ ପାରିବ ନାହିଁ। ସାମାଜିକ ଦୂରତା ବଜାୟ ରଖିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ମାସ୍କ ପରିଧାନକୁ ବାଧ୍ୟତାମୂଳକ କରାଯାଇଛି । ଏଥିରେ ଖିଲାପ ନଜରକୁ ଆସିଲେ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରାଇ ଦିଆଯାଇଛି।

# ମେ ୧୫ ଯାଏ କୋର୍ଟ କାର୍ଯ୍ୟ ବନ୍ଦ

**ପୁରୁଷୋତ୍ତମପୁର,୨୦।୪(ଡି.ଏନ.ଏ.)**

କରୋନାର ଦ୍ୱିତୀୟ ଲହର ବୃଦ୍ଧି ପାଉଥିବାରୁ ପୁରୁଷୋତ୍ତମପୁର ଓକିଲ ସଂଘ ପକ୍ଷରୁ ଆସନ୍ତା ମେ ୧୫ ପର୍ଯ୍ୟନ୍ତ କୋର୍ଟକାର୍ଯ୍ୟ ବନ୍ଦ କରାଯାଇଛି। ଏନେଇ ଏକ ଜରୁରୀ ବୈଠକ ସଭାପତି କେଦାରନାଥ ପଟ୍ଟନାୟକଙ୍କ ପୌରୋହିତ୍ୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ପାଦକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ସହସମ୍ପାଦକ ପାଣ ବେହେରା, ବରିଷ୍ଠ ଓକିଲ ଉପେନ୍ଦ୍ର ପଣ୍ଡା, ଗୌରିଶଙ୍କର ରାଉଳ, ପ୍ରଭାତ କୁମାର ପଟ୍ଟନାୟକ, ସୀମାଞ୍ଚଳ ମିଶ୍ର, ବାସୁଦେବ ଜେନା, ଅକ୍ଷୟ କୁମାର ବେହେରା, ଅଶୋକ କୁମାର ମହାକୁଡ, ଦୟାନିଧି ପଣ୍ଡାଙ୍କ ସମେତ ବହୁ ଓକିଲ ଯୋଗଦେଇ ଏପ୍ରିଲ ୨୦ରୁ ଆସନ୍ତା ମେ ୧୫ ତାରିଖ ପର୍ଯ୍ୟନ୍ତ କୋର୍ଟ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ। ଏ ନେଇ ଓକିଲ ସଂଘ ପକ୍ଷରୁ ପୁରୁଷୋତ୍ତମପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ବିଚାରପତି ଦିଲ୍ଲୀପ କୁମାର ବାରିକଙ୍କୁ ଲିଖିତ ଭାବେ ଜଣାଇଥିବା ବେଳେ ଏହାକୁ ବିଚାରପତି ଗ୍ରହଣ କରିଥିବା ସମ୍ପାଦକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ କହିଛନ୍ତି।

# ଅମ୍ଳଜାନ ସ୍ତର ଯାଞ୍ଚ, ସଚେତନତା କାର୍ଯ୍ୟକ୍ରମ

**ଗଞ୍ଜାମ,୨୦।୪(ଡି.ଏନ.ଏ.)**

କରୋନା ଦ୍ୱିତୀୟ ଲହର ସଂକ୍ରମଣକୁ ରୋକିବା ପାଇଁ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶକ୍ରମେ ଅମ୍ଳଜାନ ସ୍ତର ଓ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାରଠାରୁ ସପ୍ତାହ ବ୍ୟାପୀ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଏନଏସି ଓ ବ୍ଲକରେ ଏହି ଅଭିଯାନ ଆରମ୍ଭ ହୋଇଛି। ଅଙ୍ଗନୱାଡି, ଆଶାକର୍ମୀ, କୋଭିଡ୍ ମନିଟର, ସହାୟିକାମାନେ ଏନ୍ଏସିର ପାଞ୍ଚ ନମ୍ବର ୱାର୍ଡର ବଡ଼ବଜାର ଅଙ୍ଗନୱାଡି କେନ୍ଦ୍ରର ହରିଜନ ସାହିରେ ଘରକୁ ଘର ଯାଇ ଲୋକଙ୍କ ପରୀକ୍ଷା କରିଥିଲେ। ଡିଏସ୍‌ଡବ୍ଲ୍ୟୁଓ ସୁରେଖା ସୁନ୍ଦରୀ ମଲ୍ଲିକ, ଏଡିଏସ୍‌ଡବ୍ଲ୍ୟୁଓ ସାଧନା କୁମାର ଦାସ, ବିଡିଓ ବିଶ୍ୱମ୍ଭର ରାୟ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରୋନିତ କୁମାର, ସିଡିପିଓ ସଲୀଳା ପ୍ରଧାନ କାର୍ଯ୍ୟକ୍ରମ ଅନୁଧ୍ୟାନ କରିଥିଲେ। ଅଙ୍ଗନୱାଡି କର୍ମୀ ବବିତା ପଣ୍ଡା,



ଅମ୍ଳଜାନସ୍ତର ଯାଞ୍ଚ ଓ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ଆଶାକର୍ମୀ ସୁନିତା ରଣା, ସୁତାପା ବେହେରା, ସୁନିତା ବେହେରା ପ୍ରମୁଖ ଅମ୍ଳଜାନ ସ୍ତର ଯାଞ୍ଚ, ଥର୍ମାଲ ସ୍କ୍ରିନିଂ କରିବା ସହ କରୋନା ସଂକ୍ରମଣ ଲକ୍ଷଣ ସମ୍ପର୍କରେ ପଚାରି ବୁଝିଥିଲେ। ମାସ୍କ ପିନ୍ଧିବା, ସମଦୂରତା ରକ୍ଷା କରିବା, ହାତ ଧୋଇବା, ବାହାରୁ ଲୋକେ ଆସିଥିଲେ ଜଣାଇବା ଆଦି ନେଇ ସଚେତନତା କରାଯାଇଥିଲା। ଏହା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ସେହିପରି ଅଖଡା ସାହିବନ୍ଧ ଅଙ୍ଗନୱାଡି କେନ୍ଦ୍ରରେ ମଧ ଯାଞ୍ଚ କାର୍ଯ୍ୟ ହୋଇଥିଲା। ଗଞ୍ଜାମ ବ୍ଲକର କାଇଁଛପୁର ପଞ୍ଚାୟତରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଡିଓ, ସିଡିପିଓ, ସରପଞ୍ଚ ଜି.ସନ୍ତୋଷ ରେଡ୍ଡୀ, ମିଶନଶକ୍ତି ବିପିସି ଚନ୍ଦନ ପାଢ଼ୀ, ମହିଳା ସ୍ୱାସ୍ଥ୍ୟକର୍ମୀ ପୁଷ୍ପାଞ୍ଜଳି ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ୨୭୨ କେଜି ଗଞ୍ଜେଇ ଜବତ, ଦୁଇ ଗିରଫ

**ବାଲିଗୁଡ଼ା,୨୦।୪(ଡି.ଏନ.ଏ.)**

ବାଲିଗୁଡ଼ା ବୁଡ୍ଡୁକିଆ ପଞ୍ଚାୟତର ମାଦିନାଟ ଗ୍ରାମରେ ମଙ୍ଗଳବାର ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ୨୭୨ କେଜି ଗଞ୍ଜେଇ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଭୁବନେଶ୍ୱରର ମନୋରଞ୍ଜନ ରାଉତ ଓ ବାଲିଗୁଡ଼ା କାମପଡ଼ାର ସମୀର ଦିଗାଲ। ନଂ. ୭୨/୨୧ ଅନୁଯାୟୀ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ଇନୋଭା ଓ ବୋଲେରୋରେ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଧରାପଡ଼ିଥିଲେ।

# ସ୍ମାର୍ଟ ସ୍କୁଲ ନେଇ ବୈଠକ



ବୈଠକରେ ଉପସ୍ଥିତ ଅତିଥି ।

**ନୂଆଗଡ଼,୨୦।୪(ଡି.ଏନ୍.ଏ.)**

ଗଜପତି ଜିଲା ନୂଆଗଡ଼ ବ୍ଲକ ନୂଆଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ସ୍ମାର୍ଟ ସ୍କୁଲରେ ପରିଣତ କରିବା ପାଇଁ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଡିଓ ଲବନ୍ୟଦୁ ମହାନ୍ତି, ଜିପିଓ ପ୍ରଭାକର ସାହୁ, ବିଇଓ ବ୍ରଜ ନାୟକ, କମିଟି ସଭାପତି ସୁଶାନ୍ତ କୁମାର ବେହେରା ଓ ବିଦ୍ୟାଳୟର ଶିକ୍ଷକମାନେ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଶିକ୍ଷକ ବସନ୍ତ କୁମାର ସିଂ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଉକ୍ତ ବିଦ୍ୟାଳୟର ଉନ୍ନତି କରିବା, ଛାତ୍ରୀଛାତ୍ରମାନଙ୍କୁ ଭଲ ପାଠ ପଢିବା ପାଇଁ ବିଡିଓ ତାଙ୍କ ଅଭିଭାଷଣରେ କହିଥିଲେ। ଶିକ୍ଷକ ଯଶୋବନ୍ତ ରଇତ ଧନ୍ୟବାଦ ଜଣାଇଥିଲେ।

# ଗଜପତିରେ ୩୧ ପଜିଟିଭ୍

**ପାରଳାଖେମୁଣ୍ଡି,୨୦।୪(ଡି.ଏନ୍.ଏ.)**

ଗଜପତି ଜିଲାରେ ମଙ୍ଗଳବାର ପୁଣି ୩୧ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଗତ ୭ ତାରିଖରୁ ଜିଲାରେ କୋଭିଡ୍ ସଂକ୍ରମଣ ସଂଖ୍ୟା ବଢ଼ି ୨୫୮ରେ ପହଞ୍ଚିଛି। ଏଥିରୁ ୨୮ ଜଣ ସୁସ୍ଥ ହୋଇଛନ୍ତି। ୨୩୦ ଜଣ ସଂକ୍ରମିତଙ୍କ ମଧ୍ୟରୁ ୨୩ ଜଣ କୋଭିଡ୍ କେୟାର ସେଣ୍ଟରରେ, ୭ ବାହାର ହସ୍ପିଟାଲରେ ଏବଂ ୨୦୦ ହୋମ ଆଇସୋଲେଶନ୍‌ରେ ଚିକିତ୍ସିତ ହେଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ସଂକ୍ରମଣ ଚିହ୍ନଟ ସଂଖ୍ୟାରୁ ଅଧିକାଂଶ ପାରଳାଖେମୁଣ୍ଡି ସହରର ବୋଲି ଜଣାପଡ଼ିଛି। ଏହାର ମୁକାବିଲା ପାଇଁ ୧୭ କୋଭିଡ୍ ଟେଷ୍ଟିଙ୍ଗ ଦଳ ଗଠନ କରାଯାଇଛି। ପାରଳାଖେମୁଣ୍ଡିରେ ୫ ଟେଷ୍ଟିଂ ଦଳ ପୁରୁଣାପାଟଣା ଓଡିଶା–ଆନ୍ଧ୍ର ସୀମାନ୍ତରେ ଥିବା ନାକା ଗେଟ ସମେତ ବଜାର ଛକ, ଜିଲା ମୁଖ୍ୟ ଚିକିତ୍ସାଳୟ, ରେଲୱେ ଷ୍ଟେଶନ ଓ ବିଜୁ କଲ୍ୟାଣ ମଣ୍ଡପଠାରେ ପ୍ରତିଦିନ ୩୦୦ରୁ ୫୦୦ ପର୍ଯ୍ୟନ୍ତ କୋଭିଡ୍ ଟେଷ୍ଟିଂ କରାଯାଉଛି। ଏଥିସହ ପାରଳାଖେମୁଣ୍ଡି ପୌରପରିଷଦରେ ଥିବା ୧୬ ନଂ. ୱାର୍ଡରେ ଜ୍ୱର ପରୀକ୍ଷଣ କେନ୍ଦ୍ର ଖୋଲାଯାଇଛି। ସେଠାରେ ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱଚ୍ଛସାଥୀ, ଗୋଷ୍ଠୀ ଅଧିକାରୀ ଓ ଆର୍‌ଆର୍‌ଟି ପ୍ରମୁଖ ଲୋକଙ୍କ ପରୀକ୍ଷା କରୁଛନ୍ତି। ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ସମିତି ପକ୍ଷରୁ ପାରଳାଖେମୁଣ୍ଡି ସହର ନିକଟସ୍ଥ ବେତାଗୁଡାଠାରେ ଏକ କୋଭିଡ୍ କେୟାର ସେଣ୍ଟର ଆରମ୍ଭ କରାଯାଇଛି।

# ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ହିଞ୍ଜିଳିକାଟୁ,୨୦।୪(ଡି.ଏନ୍.ଏ)**

ହିଞ୍ଜିଳି ଥାନା ନିମିଗାଁ ଛକ ନିକଟରେ ମଙ୍ଗଳବାର ଏକ ଭ୍ୟାନ୍‌ସହ ବାଇକ୍‌ମୁହାଁମୁହିଁ ଧକ୍କା ହେବାରୁ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ସ୍ଥାନୀୟ ରାଳବ ଗ୍ରାମର ଶିବରାମ ପାଣ୍ଡି। ଗୁରୁତରମାନେ ହେଲେ ରାଳବ ଗ୍ରାମର ମନୋଜ କୁମାର ପ୍ରଧାନ ଓ ଜିତୁ ପୃଷ୍ଟି। ରାଳବ ଗାଁର ୩ ବନ୍ଧୁ ଏକ ବାଇକ୍‌ରେ କୌଣସି କାମରେ ନିମିଗାଁ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଭ୍ୟାନ ନିମିଗାଁ ନିକଟରେ ସେମାନଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଶିବଙ୍କୁ ମୃତ ଘୋଷଣା କରିଥିଲେ।

# ଗାଡ଼ି ଧକ୍କାରେ ବୃଦ୍ଧ ମୃତ, ରାସ୍ତାରୋକୋ



ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛି ପୋଲିସ ।

**କାଶୀନଗର,୨୦।୪(ଡି.ଏନ.ଏ.)**

କାଶୀନଗର ଥାନା ଅନ୍ତର୍ଗତ ଇଦୁଡି ଗ୍ରାମଠାରେ ମଙ୍ଗଳବାର ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ କାଶୀନଗରର ଲେବିଟି ଗୋପୀ (୫୯)। ଗୋପୀ ଭୋର୍‌ରେ ଇଦୁଡି ଗ୍ରାମ ଅଭିମୁଖେ କୌଣସି କାରଣରୁ ଯାଉଥିବା ସମୟରେ ମୁଖ୍ୟରାସ୍ତା ଉପରେ ଅଜଣା ଗାଡି ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିଲା। କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। କାଶୀନଗର ଆଇଆଇସି ସୁଶାନ୍ତ ସାହୁ, ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା ପରେ ରାସ୍ତାରୋକୋ ହଟିଥିଲା। ଏ ନେଇ ନଂ. ୪୧/୨୧ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟ ପଠାଯାଇଛି।

## ବ୍ୟବସାୟୀଙ୍କୁ କରୋନା ସଚେତନତା

ବେଗୁନିଆପଡ଼ା,(ଡି.ଏନ.ଏ.): କୋଦଳା ତହସିଲ ଅନ୍ତର୍ଗତ ବିଭିନ୍ନ ବ୍ୟବସାୟୀକ ସଙ୍ଗଠନଙ୍କୁ ନେଇ ମଙ୍ଗଳବାର କୋଦଳା ତହସିଲଦାର ଅବନିକାନ୍ତ ସାହୁ ଏକ କରୋନା ସଚେତନତା କାର୍ଯ୍ୟକ୍ରମ କରିଥିଲେ। ସମସ୍ତେ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ବଜାୟ ରଖିବା ଓ ଦୋକାନ ସାମ୍ନାରେ ବ୍ୟାରିକେଡ଼ ନିର୍ମାଣ ପାଇଁ ସମସ୍ତଙ୍କୁ ତହସିଲଦାର କହିଛନ୍ତି । ଯେଉଁ ଗ୍ରାହକ ମାସ୍କ ନ ପିନ୍ଧିବେ ସେମାନଙ୍କୁ ଜିନିଷ ନ ଦେବାକୁ କୁହାଯାଇଥିଲା। ଏହାର ଉଲ୍ଲଙ୍ଘନ କଲେ ଅମାନିଆଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ଅଶୋକ କୁମାର ତ୍ରିପାଠୀଙ୍କ ସମେତ ସମସ୍ତ ବ୍ୟବସାୟୀ ଉପସ୍ଥିତ ଥିଲେ।

# ଷ୍ଟାଣ୍ଡପୋଷ୍ଟରେ ଭାସୁଛି ପାଣି, ବିଭାଗ ନୀରବଦ୍ରଷ୍ଟା

ବ୍ରହ୍ମପୁର ଅଫିସ,୨୦।୪

ଖରା ଆରମ୍ଭରୁ ହିଁ ମହାନଗରରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ନେଇଛି। ଏବେଠାରୁ ସହରର ପ୍ରତ୍ୟେକ ଅଞ୍ଚଳକୁ ଠିକ୍ ଭାବେ ପାଣି ଆସୁ ନାହିଁ। ଫଳରେ ବହୁ ଅଞ୍ଚଳ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଭଳି ସ୍ଥିତିରେ ସହରର କେତେକ ସ୍ଥାନରେ ଷ୍ଟାଣ୍ଡ ପୋଷ୍ଟ ଗୁଡ଼ିକରେ ଦିନ ରାତି ପାଣି ନଷ୍ଟ ହେଉଥିବା ଦୃଷ୍ଟିକୁ ଆସିଛି। ସହରରେ ପାନୀୟ ଜଳ ବ୍ୟବସ୍ଥା ସୁଧୁରିଥିବା ନେଇ ବିଭାଗୀୟ କର୍ତ୍ତୃପକ୍ଷ ଡିଣ୍ଡିମ ପିଟୁଥିବା ବେଳେ ପାନୀୟ ଜଳ ନଷ୍ଟ ହେବାର ଏହା ଏକ ଉଦାହରଣ ପାଲଟିଛି। ବ୍ରହ୍ମପୁର ମହାନଗର ନିଗମ ୨୪ ନଂ. ୱାର୍ଡ଼ ଅନ୍ତର୍ଗତ ବଡ଼ସାହି, ସାନ ବାଉରୀ ସାହି,ବନ୍ଧ ସାହି, ଗୋପୀନାଥ ନଗର ଓ କେନାଲ ସାହି ଆଦି ଅଞ୍ଚଳରେ ଥିବା ଷ୍ଟାଣ୍ଡପୋଷ୍ଟ ଗୁଡ଼ିକରେ ଟ୍ୟାପ୍ ନ ଥିବାରୁ ପାନୀୟ ଜଳ ଅହରହ ଭାସୁଥିବା ଦେଖିବାକୁ ମିଳିଛି। ଦୀର୍ଘ ଦିନ ଧରି ଏହି ସମସ୍ୟା ରହିଥିଲେ ସୁଦ୍ଧା ବିଭାଗୀୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ବହୁ ବାସିନ୍ଦା ଅଭିଯୋଗ କରିଛନ୍ତି। ଫଳରେ ଘଣ୍ଟା ଘଣ୍ଟା ଧରି ରାସ୍ତା ଉପରେ ପାଣି ଭାସିବାରୁ ସାଧାରଣ ଜନତା ଯାତାୟାତ ସମୟରେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ଏହି ସାହି ଗୁଡ଼ିକରେ ଦିନ ୮ରୁ ସାଢେ ୧୦ଟା ଯାଏ ପାଣି ଆସୁଛି। କିନ୍ତୁ ଟ୍ୟାପ୍ ନ ଥିବାରୁ ସାହି ବାସିନ୍ଦା ପାଣି ନେବା ପରେ ବହୁ ଜଳ ଅଯଥାରେ ନଷ୍ଟ ହେଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏଥିସହ ଏହି ସାହି ଗୁଡ଼ିକରେ ଜାନିବିଲ୍ ପ୍ରକଳ୍ପ ମାଧ୍ୟମରେ ପାଇପ୍ ବିଛା ହୋଇଛି, କିନ୍ତୁ ପାଇପ୍‌ରେ ଏ ଯାଏ ପାଣି ଆସୁ ନ ଥିବା ଜଣାପଡିଛି। ଏଣୁ ଷ୍ଟାଣ୍ଡ ପୋଷ୍ଟ ଗୁଡ଼ିକରେ ଟ୍ୟାପ୍ ବ୍ୟବସ୍ଥା କରାଗଲେ ଜଳ ସଂରକ୍ଷିତ ସାଙ୍ଗକୁ ପାଣି ସମସ୍ୟା ଦୂର ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏ ନେଇ ଜନ ସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀ ସୀତାରାମ ପଣ୍ଡାଙ୍କୁ ମୋବାଇଲ୍ ନଂ-୯୪୩୭୧୯୨୩୫୯ରେ ଯୋଗାଯୋଗ କରିଥିଲେ ସୁଦ୍ଧା କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।


ଟ୍ୟାପ୍ ନ ଥିବା ଷ୍ଟାଣ୍ଡ ପୋଷ୍ଟରେ ପାଣି ଭାସୁଛି।

## ସଂକ୍ଷେପରେ

### ପୂର୍ବତନ ବ୍ଲକ ଉପାଧ୍ୟକ୍ଷଙ୍କ ମୃତ୍ୟୁ

ଗୋପାଳପୁର,୨୦।୪: ରଙ୍ଗେଇଲୁଣ୍ଡା ବ୍ଲକର ପୂର୍ବତନ ଉପାଧକ୍ଷ ଶ୍ୟାମ ସୁନ୍ଦର ସାହୁଙ୍କ ମଙ୍ଗଳବାର ଭୋର୍‌ରେ ମୃତ୍ୟୁ ଘଟିଛି। ୨୦୧୨ ରୁ ୨୦୧୭ ପର୍ଯ୍ୟନ୍ତ ରଙ୍ଗେଇଲୁଣ୍ଡା ବ୍ଲକ ଉପାଧକ୍ଷ ରହିବା ସହ ବିଜେଡିର ସକ୍ରିୟ କର୍ମୀ ମଧ ଥିଲେ। ଗତ ୧୪ ତାରିଖରେ ତାଙ୍କୁ ଜ୍ୱର ହୋଇଥିଲା। ଗତ ଶନିବାର ତାଙ୍କ ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସିଥିଲେ ମଧ ମଙ୍ଗଳବାରର ହଠାତ୍ ଗୁରୁତର ହୋଇ ମୃତ୍ୟୁବରଣ କରିଥିଲେ।

### ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ଖଜୁରିପଡ଼ା/ବଲସକୁମ୍ପା, ୨୦।୪(ଡି.ଏନ.ଏ.): ଖଜୁରିପଡା ବ୍ଲକରେ ବ୍ଲକ ଅଧକ୍ଷ ବିରେନ୍ଦ୍ର କୁମାର୍ କହଁରଙ୍କ ନେତୃତ୍ୱରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ତରଫରୁ ନୂତନ ଭତ୍ତା ବଣ୍ଟନ ଶିବିର ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉପାଧକ୍ଷ ସୌଦାମିନୀ କହଁର, ସମିତିସଭ୍ୟ ଜିତେନ୍ଦ୍ର ଦାସ, ଜିଲା ପରିଷଦ ଜୁଲିଲତା ଲେଙ୍କା ପ୍ରମୁଖ ଉପସ୍ଥିତ ରହି ୯୭ ଜଣ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ, ବିଧବା, ଅବିବାହିତା ଓ ଦିବ୍ୟାଙ୍ଗ ଭତ୍ତା ପ୍ରଦାନ କରିଥିଲେ। ୧୪ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସାମାଜିକ ସୁରକ୍ଷା ଅଧିକାରିଣୀ ତୁଷାରାଣୀ ନାୟକ ପରିଚାଳନା କରିଥିବା ବେଳେ ମନୋଜ କୁମାର ସାସମଲ ସହଯୋଗ କରିଥିଲେ।

### ଯୌନ ଉତ୍ପୀଡ଼ନ ନିରୋଧ କର୍ମଶାଳା

ଦିଗପହଣ୍ଡି,୨୦।୪(ଡି.ଏନ.ଏ.): ଦିଗପହଣ୍ଡି ବ୍ଲକ ଭିକ୍ଷୁଗିରୀ ଗ୍ରାମସ୍ଥିତ ରାମଜୀ ଡିଗ୍ରୀ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଯୌନ ଉତ୍ପୀଡ଼ନ ନିରୋଧ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ରଘୁନାଥ ନାୟକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟ ଅଧାପିକା ସୁଜାତା କୁମାରୀ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଚିକିଟି ମହାବିଦ୍ୟାଳୟ ଅଧାପକ ରାଜେଶ କୁମାର ପାତ୍ର ମୁଖ୍ୟବକ୍ତା ଏବଂ ମହାବିଦ୍ୟାଳୟ ଉପାଧକ୍ଷ ନୀହାର ରଞ୍ଜନ କର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ପରିପ୍ରେକ୍ଷୀରେ ଯୁବପିଢିମାନେ ଯେଉଁଭଳି ଭାବେ ଅଯଥା ମୋବାଇଲ ସ୍ମାର୍ଟ ଫୋନର ଅତ୍ୟଧିକ ବ୍ୟବହାର କରି ଆପରାଧିକ ରାସ୍ତାରେ ଯାଉଛନ୍ତି ବୋଲି କର୍ମଶାଳାରେ ମତପ୍ରକାଶ ପାଇଥିଲା। ଏଥିସହ ଆତ୍ମ ସୁରକ୍ଷା କୌଶଳ ଶିକ୍ଷା ଛାତ୍ରୀ ଏବଂ ଯୁବତୀଙ୍କ ପାଇଁ ରକ୍ଷା କବଚ ବୋଲି ଅତିଥିମାନେ କହିଥିଲେ। ମହାବିଦ୍ୟାଳୟ ଓଡ଼ିଆ ଅଧାପକ ଦେବଦତ୍ତ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧାପିକା କୁମାରୀ ପ୍ରିୟଦର୍ଶିନୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦକ କାହ୍ନୁଚରଣ ପାଢ଼ୀ, ଛାତ୍ରୀ ଭବାନୀ ଜେନା, ଚିନ୍ମୟୀ ଗୌଡ, ବି. ସୁଙ୍କାନୀ ଦୋରା, କାଜଲ ବିଷୋୟୀ, ମଧୁସ୍ମିତା ବିଷୋୟୀ ଓ ସୁନୀତା ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ସୁରଟରୁ ଫେରୁଥିବାବେଳେ ଯୁବକଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ/ଗଞ୍ଜାମ (ଡି.ଏନ୍.ଏ.), ୨୦।୪

କରୋନାର ଦ୍ୱିତୀୟ ଲହର ଏବେ ଚାରିଆଡେ ଆତଙ୍କ ସୃଷ୍ଟି କରିଛି। ବାହାର ରାଜ୍ୟରେ କାମ କରୁଥିବା ଯୁବକମାନେ ଏବେ ଘରବାହୁଡା ହେଉଛନ୍ତି। ଏହି ଧାରାରେ ଗଞ୍ଜାମ ଜିଲା ରମ୍ଭା ଥାନା ଅନ୍ତର୍ଗତ ଖଣ୍ଡଦେଉଳି ଗ୍ରାମର ଜଣେ ଯୁବକ ସୁରଟରୁ ଘରକୁ ଟ୍ରେନରେ ଫେରୁଥିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ବିଶ୍ୱନାଥ ଜେନା (୩୮) ଓ ତାଙ୍କ ଘର ରମ୍ଭା ଥାନା ଖଣ୍ଡଦେଉଳି ବୋଲି ଜଣାପଡିଛି।

ପ୍ରକାଶ ଯେ, ତାଙ୍କର କେତେକ ସାଙ୍ଗ ସହ ବିଶ୍ୱନାଥ ଗତ ୧୮ ତାରିଖ ରାତିରେ ସୁରଟରୁ ଅହମଦାବାଦ-ପୁରୀ ଟ୍ରେନରେ ଖଲ୍ଲିକୋଟ ଷ୍ଟେଶନରେ ଓହ୍ଲାଇବା ପାଇଁ ଟିକେଟ କରିଥିଲେ। କୌଣସି କାରଣରୁ ରାସ୍ତାରେ ସେ ଅସୁସ୍ଥ ହୋଇ ପଡ଼ିଥିଲେ। ରବିବାର ରାତିରେ ଭବାନୀପାଟଣା କେସିଙ୍ଗା ରେଳଷ୍ଟେଶନ ପରେ ଗୁରୁତର ହୋଇ ସେ ଅଚେତ ହୋଇଯାଇଥିଲେ। ତାଙ୍କ ସହ ଯାତ୍ରା କରୁଥିବା ସାଙ୍ଗମାନେ ବ୍ରହ୍ମପୁର ଷ୍ଟେଶନରେ ଟ୍ରେନ୍ ରହିବା ପରେ ରେଳବାଇ କର୍ତ୍ତୃପକ୍ଷଙ୍କୁ ଘଟଣା ବିଷୟରେ ଜଣାଇଥିଲେ। ସରକାରୀ ରେଳବାଇ ପୋଲିସ ଟ୍ରେନ ଭିତରେ ମରିପଡିଥିବା ଯୁବକଙ୍କ ମୃତଦେହ ଜବତ କରିଥିଲା। ପୋଲିସ ନଂ.୨୪/୨୧ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପଞ୍ଚନାମା କରିଥିଲା। ପରେ ବ୍ୟବଚ୍ଛେଦ ପାଇଁ ଏମ୍‌କେସିଜି ମେଡିକାଲକୁ ପଠାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ତାଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି । ପୋଲିସଠାରୁ ଖବର ପାଇ ବିଶ୍ୱନାଥଙ୍କ ଶଳା ଓ ତାଙ୍କ ପରିବାର ବର୍ଗ ଏମ୍‌କେସିଜିରେ ପହଞ୍ଚି ବ୍ୟବଚ୍ଛେଦ ପରେ ମୃତଦେହ ଗ୍ରହଣ କରିଥିବା ଜଣାପଡିଛି।

# ବାରୁଦ, ଡିଟୋନେଟର ମହଜୁଦର ଖୋଳତାଡ଼

ବ୍ରହ୍ମପୁର ଅଫିସ,୨୦।୪

**କ୍ରଶରରେ ବିସ୍ଫୋରଣ ଘଟଣା**
■ମାଲିକ ଦମ୍ପତି ଅଟକ

ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ବ୍ଲକ ଫାଦ୍ରିପଲି ନିକଟରେ ଥିବା ଏକ କ୍ରଶରରେ ସୋମବାର ଭୟଙ୍କର ବିସ୍ଫୋରଣ ଘଟିଥିଲା। ଏଥିରେ ଟିଣଛପର ଘର ଛାରଖାର ହୋଇଯାଇଥିଲା। ଉକ୍ତ ଘରେ ଥିବା ୫ ଜଣ ଶ୍ରମିକଙ୍କ ମଧ୍ୟରୁ ୨ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଅନ୍ୟ ୩ଜଣ ଗୁରୁତର ହୋଇ ଭୁବନେଶ୍ୱର ସମ୍ ହସ୍ପିଟାଲରେ ଏବେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। କ୍ରଶର ଭିତରେ ଥିବା ଟିଣଛପର ଘରେ ଏତେ ପରିମାଣର ବାରୁଦ, ଡିଟୋନେଟର, ଜିଲୋଟିନ କିପରି ଗଦାହୋଇ ରହିଥିଲା ତାହାର ଏବେ ସଦର ଥାନା ପୋଲିସ ଖୋଳତାଡ ଚଳାଇଛି। କ୍ରଶର ଭିତରେ ମାଲିକ ଏତେ ପରିମାଣର ବାରୁଦ କେଉଁ ଉଦ୍ଦେଶ୍ୟରେ ରଖିଥିଲେ ଓ ସେହି ସବୁ ବିସ୍ଫୋରକ ସାମଗ୍ରୀ ସେ କେଉଁଠୁ ଆଣିଥିଲେ ସେ ନେଇ ମଧ ପୋଲିସ ତନାଘନା ଚଳାଇଛି। ମାମଲା ନମ୍ବର ୧୧୪ /୨୧ ରେ ମାଲିକ ଦମ୍ପତିଙ୍କୁ ଥାନାରେ ଅଟକ ରଖି ପୋଲିସ ଘଟଣାର ତନାଘନା କରୁଛି। ମାଲିକ ଅନୁପମା ରାଉତ ଓ ତାଙ୍କ ସ୍ୱାମୀଙ୍କୁ ପୋଲିସ ଏବେ ଘଟଣାର ବିଭିନ୍ନ ଦିଗ ଉପରେ ପଚରାଉଚରା କରୁଛି। ଅନ୍ୟପଟେ କୁକୁଡ଼ାଖଣ୍ଡି ତହସିଲଦାରଙ୍କ ରିପୋର୍ଟକୁ ଆଧାର କରି ଜିଲାପାଳ କ୍ରଶର ସିଲ୍ କରିବାକୁ ନିର୍ଦ୍ଦେଶ ଦେବା ପରେ ତାହା ବନ୍ଦ କରାଯାଇଛି।

ଘଟଣାରୁ ପ୍ରକାଶ, କୁକୁଡ଼ାଖଣ୍ଡି ତହସିଲ କାର୍ଯ୍ୟାଳୟଠାରୁ କିଛି ଦୂରରେ ଅନୁପମା ରାଉତଙ୍କ କ୍ରଶର ୟୁନିଟ୍ ରହିଛି। ସୋମବାର ସକାଳେ କ୍ରଶର ଭିତରେ ଥିବା ଏକ ଟିଣଛପର ଘରେ କାମ କରୁଥିବା ୫ଜଣ ଶ୍ରମିକ ଥିଲେ। ମାଲିକ ଉକ୍ତ ଘରେ ବାରୁଦ ଗଦା କରି ରଖିଥିଲେ। ସେଠାରେ ଶ୍ରମିକ ଭାବେ କାମ କରୁଥିବା ଏ. ସନ୍ତୋଷ କୁମାର, ସୁରେଶ ପାତ୍ର, ପି. ସାଇଗୋପାଳ, ସୁଶାନ୍ତ ପଣ୍ଡା ଓ ଦୀପକ ପାତ୍ର ବସି କଥାବାର୍ତ୍ତା ହେଉଥିଲେ। ସେମାନେ କିଛି ଭାବିବା ପୂର୍ବରୁ ଆକସ୍ମିକ ଭାବେ ସେଠାରେ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣର ଭୟଙ୍କର ଶବ୍ଦ ଓ ଲୋକଙ୍କ କରାଳ ଚିତ୍କାର ଶୁଣି ନିକଟସ୍ଥ ଗ୍ରାମ ଲୋକେ ଘଟଣାସ୍ଥଳକୁ ଦୌଡ଼ିଥିଲେ। ଅତ୍ୟନ୍ତ ସଙ୍କଟାପନ୍ନ ଥିବା ସନ୍ତୋଷଙ୍କୁ କୁକୁଡ଼ାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଅନ୍ୟ ୪ଜଣ ଗୁରୁତର ଶ୍ରମିକଙ୍କୁ ଆମ୍ବୁଲାନ୍ସ ଯୋଗେ ଏମ୍‌କେସିଜି ମେଡିକାଲ ପଠାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ସୁରେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ଶ୍ରମିକମାନେ ଏବେ ଚିକିତ୍ସିତ ରହିଥିବା ବେଳେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ସୁଧାର ଆସିଥିବା ପୋଲିସ କହିଛି।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ପୋଲସରା,୨୦।୪(ଡି.ଏନ.ଏ.)

ପୋଲସରା ଥାନା ମଥୁରା ଗ୍ରାମ ଗୁଡ଼ିମାଳ ସାହିର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନିରଞ୍ଜନ ନାହାକ। ନିରଜଞ୍ଜନ ଶିକ୍ଷକତା କରୁଥିଲେ। ମୃତକଙ୍କ ପିତା ଶତ୍ରୁଘ୍ନ ନାହାକଙ୍କ ଏତଲାନୁସାରେ, ମାରଦା ଛକ ରାସ୍ତା କଡ଼ରେ ଥିବା ଯାତ୍ରୀ ବିଶ୍ରାମାଗାର ମଧ୍ୟରେ ନିରଞ୍ଜନଙ୍କ ମୃତଦେହ ପଡ଼ିଥିଲା। ପରିବାର ଲୋକ ମୃତଦେହ ଘରକୁ ନେଇ ପୋଲିସକୁ ଜଣାଇଥିଲେ। ଥାନାଧିକାରୀ ଜିତେନ୍ଦ୍ର କୁମାର ମଲିକ, ଏସଆଇ ବିଯୁଟି ମହାନ୍ତି ପହଞ୍ଚି ନଂ. ୫/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଥିଲେ। ନିରଞ୍ଜନଙ୍କୁ କେହି ହତ୍ୟା କରିଥିବା ପରିବାର ଲୋକେ କହୁଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।


ପବିତ୍ର ରାମନବମୀ ଅବସରରେ ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା କାଠରେ ୪ ସେଣ୍ଟିମିଟର ବିଶିଷ୍ଟ ଶ୍ରୀରାମଚନ୍ଦ୍ରଙ୍କ କ୍ଷୁଦ୍ର ପ୍ରତିମୂର୍ତ୍ତି ନିର୍ମାଣ କରିଛନ୍ତି।


ଆସିକା ବ୍ଲକର ଦେବଭୂମି ପଞ୍ଚାୟତ କର୍ପୂର ନୂଆଗାଁ ଗ୍ରାମରେ ମଙ୍ଗଳବାର ଘରକୁ ଘର ବୁଲି ସ୍ୱାସ୍ଥ୍ୟ ସ୍କ୍ରିନିଂ କରାଯାଇଛି ।

## ଅଗ୍ନିବିପନ୍ନଙ୍କୁ ସହାୟତା ପ୍ରଦାନ

ବେଗୁନିଆପଡ଼ା,୨୦।୪(ଡି.ଏନ.ଏ.)

ବେଗୁନିଆପଡ଼ା ବ୍ଲକ ବଡ ଖଇରଖମା ପଞ୍ଚାୟତରେ ଅଗ୍ନି ବିପନ୍ନଙ୍କୁ ମଙ୍ଗଳବାର ବିଧାୟିକା ଲତିକା ପ୍ରଧାନ କମଳ ଓ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ବ୍ଲକ ବିଜେଡି ସଭାପତି ବିଜୟ କୁମାର ଦୋରା, ପଞ୍ଚାୟତ ବିଜେଡି ସଭାପତି ଦୁର୍ଯ୍ୟୋଧନ ଗୌଡ଼ଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବଡଦାଣ୍ଡ ସାହିରେ ଶନିବାର ରାତିରେ ଅଗ୍ନିକାଣ୍ଡ ଘଟି ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ଘରପୋଡି ଯାଇଥିଲା।

## ଅଧାପକଙ୍କ ପରଲୋକ

ଭଞ୍ଜନଗର,୨୦।୪ (ଡି.ଏନ.ଏ)

ଜଗନ୍ନାଥପ୍ରସାଦ ବ୍ଲକ ବିଡ଼ିପୁରସ୍ଥିତ ତେନ୍ତୁଳିଆ ଶାସନ ଦେବସ୍ଥାନ ମହାବିଦ୍ୟାଳୟର ଓଡ଼ିଆ ଅଧାପକ ଜୟସେନ ବିଶ୍ୱାଳ (୪୦)ଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ସେ କଲେଜ ପରିଚାଳନା କମିଟି ଅଧୀନରେ କାର୍ଯ୍ୟରତ ଥିଲେ। ଗତ ୩ଦିନ ହେଲା ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି ।

# ଆଜିଠୁ ମହାନଗରରେ ଥର୍ମାଲ ସ୍କ୍ରିନିଂ, ଅକ୍ସିଜେନ୍ ଟେଷ୍ଟିଂ

ବ୍ରହ୍ମପୁର ଅଫିସ୍,୨୦।୪

କରୋନାର ଦ୍ୱିତୀୟ ଲହର ଦିନକୁ ଦିନ ଘାତକ ହେବାରେ ଲାଗିଛି। ବ୍ରହ୍ମପୁର ମହାନଗରରେ ମଧ ପ୍ରତ୍ୟେକ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ବିଏମ୍‌ସି ପକ୍ଷରୁ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକରେ ମାସ୍କ ଓ ସାମାଜିକ ଦୂରତାକୁ ବାଧତାମୂଳକ କରାଯାଇଛି। ତେବେ ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶରେ ବ୍ରହ୍ମପୁର ମହାନଗରରେ ବୁଧବାର ସ୍କ୍ରିନିଂ ପ୍ରକ୍ରିୟା ଆରମ୍ଭ ହେବ। ଏଥିମଧ୍ୟରୁ ଆଶା ୧୧୨, ଅଙ୍ଗନୱାଡି ୨୯୭ ଜଣ ଓ ଏଏନ୍‌ଏମ୍ ୩୭ ଜଣ ରହିଥିବା ବିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ମୁଖ୍ୟ ଲମ୍ବୋଦର ଦିଗାଲ ସୂଚନା ଦେଇଛନ୍ତି। ଚଳିତ ମାସ ୩୦ ତାରିଖ ପର୍ଯ୍ୟନ୍ତ ଏହି ସ୍କ୍ରିନିଂ ପ୍ରକ୍ରିୟା ଜାରି ରହିବ। ମହାନଗର ନିଗମର ୪୦ ୱାର୍ଡରେ ସ୍କ୍ରିନିଂ କରାଯିବ। ଏହି ସ୍କ୍ରିନିଂ ପ୍ରକ୍ରିୟାରେ ଥର୍ମାଲ ସ୍କ୍ରିନିଂ ସାଙ୍ଗକୁ ଅକ୍ସିଜେନ୍ ପରୀକ୍ଷା ମଧ କରାଯିବ।

# ଭଞ୍ଜନଗର ଉପଖଣ୍ଡରେ ୮୭ ସକ୍ରିୟ ଆକ୍ରାନ୍ତ

ଭଞ୍ଜନଗର,୨୦।୪(ଡି.ଏନ.ଏ)

ଭଞ୍ଜନଗର ଉପଖଣ୍ଡରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଦ୍ୱିତୀୟ ଲହରରେ ସୋମବାର ସୁଦ୍ଧା ୧୪୧ ଜଣ ସଂକ୍ରମିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୫୨ଜଣ ସୁସ୍ଥ ହୋଇଛନ୍ତି । ଏବେ ୮୭ ଜଣ ସକ୍ରିୟ ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି । ଭଞ୍ଜନଗର ଓ ବୁଗୁଡ଼ା ବ୍ଲକର ୨ଜଣଙ୍କ କରୋନାରେ ମୃତ୍ୟୁ ଘଟିଛି । ସୋମବାର ସୁଦ୍ଧା ଭଞ୍ଜନଗର ବ୍ଲକ ଓ ଏନ୍‌ଏସିରେ ୧୫ ଜଣ ଆକ୍ରାନ୍ତ ଥିବାବେଳେ ବେଲଗୁଣ୍ଠାରେ ୭, ଆସିକାରେ ୩୦, ବୁଗୁଡ଼ାରେ ୪, ଧରାକୋଟରେ ୧୧, ଜଗନ୍ନାଥପ୍ରସାଦରେ ୫, ଶେରଗଡ଼ରେ ୯ ଓ ସୋରଡ଼ା ବ୍ଲକ ଏବଂ ଏନ୍‌ଏସିରେ ୬ଜଣ ଆକ୍ରାନ୍ତ ଥିବା ଉପଖଣ୍ଡ ପ୍ରଶାସନ ପକ୍ଷରୁ ଟୁଇଟର ମାଧ୍ୟମରେ ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ପ୍ରବାସୀ ଓଡ଼ିଆମାନେ ଘରକୁ ଫେରିବା ପରେ କେତେଜଣ ସଙ୍ଗରୋଧରେ ରହୁନାହାନ୍ତି । ଅଧିକାଂଶ ଲୋକେ ମାସ୍କ ପିନ୍ଧୁ ନ ଥିବା ବେଳେ ସାମାଜିକ ଦୂରତ୍ୱ ବଜାୟ ରଖୁନାହାନ୍ତି । ତେଣୁ ସ୍ଥିତି ପୁଣି ବିଗିଡ଼ିବା ପୂର୍ବରୁ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯିବା ଜରୁରୀ ହୋଇପଡ଼ିଛି।

# ପୋର୍ଟ ଯାଉଥିବା ଟ୍ରେନ୍‌ରୁ ଲୁଟ୍ ଘଟଣା, ୭ ଗିରଫ

ଛତ୍ରପୁର,୨୦।୪(ଡି.ଏନ୍.ଏ.)

ଗୋପାଳପୁର ପୋର୍ଟକୁ ଯାଉଥିବା ମାଲ ବୋଝେଇ ଟ୍ରେନ୍‌ରୁ ଆର୍ଯ୍ୟପଲ୍ଲୀ ନିକଟରେ ଗତ ୧୭ ତାରିଖରେ ପିଗ୍ ଆଇରନ୍ ସମେତ ଅନ୍ୟାନ୍ୟ ସାମଗ୍ରୀ ଓ ଟଙ୍କା ଲୁଟ୍ ହୋଇଥିଲା। ଏ ନେଇ ପୋର୍ଟ କର୍ତ୍ତୃପକ୍ଷ ସୂର୍ଯ୍ୟନାରାୟଣ ମିଶ୍ର ଆର୍ଯ୍ୟପଲ୍ଲୀ ମେରାଇନ୍ ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୧୬/୨୧ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ଏହି ମାମଲାରେ ମଙ୍ଗଳବାର ଆନ୍ତଃରାଜ୍ୟ ୭ ଲୁଟେରାଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ସିଙ୍ଗିପୁର ଗ୍ରାମର ନିରଞ୍ଜନ ପ୍ରଧାନ, ବୋଲଗଡ଼ର ଇନ୍ଦ୍ରମଣି ପରିଡ଼ା, ଛତ୍ରପୁର ଥାନା ବାଟ ଛତ୍ରପୁର ଜୟଦୁର୍ଗା ନଗରର ରାମଚନ୍ଦ୍ର ପଣ୍ଡା, ନୟାଗଡ଼ ଜିଲା ଫତେଗଡ଼ ଥାନା ରାକମା ଗ୍ରାମର ଧ୍ରୁବ ପରିଡ଼ା, ଚମାଖଣ୍ଡି ଥାନା ଜଗନ୍ନାଥପୁରର ସୁରେଶ କୁମାର ଗୁପ୍ତା, ସାନ ଆର୍ଯ୍ୟପଲ୍ଲୀ ମେରାଇନ ଥାନା ଓଡ଼ିଆଂରିପି କଲୋନୀର ଜେ. ଈଶ୍ୱର ରାଓ ଓ ପି. ଜଗନ୍ନାଥ ରାଓ। ଅଭିଯୁକ୍ତମାନଙ୍କୁ ରାତିରେ ଛତ୍ରପୁର ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରାଯାଇଥିଲା। ପରେ ସେମାନଙ୍କୁ ଛତ୍ରପୁର ସବ୍‌ଜେଲ୍‌କୁ ପଠାଯାଇଛି।

# ମୃତ କରୋନା ଯୋଦ୍ଧାଙ୍କ ପରିବାରକୁ ସହାୟତା ଦାବି

ବୁଗୁଡ଼ା,୨୦।୪(ଡି.ଏନ.ଏ.)

କରୋନା ଯୋଦ୍ଧା ଭାବେ ମୃତ୍ୟୁ ବରଣ କରିଥିବା ବୁଗୁଡ଼ା ବ୍ଲକ ଖୋଲଖାଳି ଅଙ୍ଗନୱାଡି କର୍ମୀଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି କରାଯାଇଛି। ଏ ନେଇ ମଙ୍ଗଳବାର ଅଲ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କସ ଆସୋସିଏଶନ ବୁଗୁଡ଼ା ଶାଖା ତରଫରୁ ସ୍ଥାନୀୟ ସିଡିପିଓଙ୍କ ନିକଟରେ ଦାବି କରାଯାଇଥିବା ବେଳେ ସଂଘ ତରଫରୁ ଜିଲାପାଳ, ଉପଜିଲାପାଳ, ସ୍ଥାନୀୟ ବିଡିଓ, ତହସିଲଦାର ଏବଂ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କ ନିକଟରେ ଦାବିପତ୍ର ପ୍ରଦାନ କରିଛନ୍ତି।

କରୋନା ଯୋଦ୍ଧା ଭାବେ କାର୍ଯ୍ୟ କରୁଥିବା ଖୋଲଖାଳିର ଅଙ୍ଗନୱାଡ଼ି କର୍ମୀ ଭାରତୀ ସ୍ୱାଇଁ (୫୩)ଙ୍କ ୪ ଜୁଲାଇ ୨୦୨୦ରେ ମୃତ୍ୟୁ ଘଟିଥିଲା। ତାଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ବିଭିନ୍ନ ବିଭାଗକୁ ଚିଠି ମଧ ଆସିଥିଲା। କିନ୍ତୁ ଏଯାଏ କୌଣସି ଆର୍ଥିକ ସହାୟତା ମିଳିନାହିଁ। ଏଥିସହ ବୁଗୁଡ଼ା ବ୍ଲକ ଓ ଏନ୍‌ଏସି ଟିଏମସିରେ କାର୍ଯ୍ୟ କରିଥିବା ଅଙ୍ଗନୱାଡ଼ି କର୍ମୀଙ୍କୁ ଏଯାଏ କୌଣସି ପ୍ରାପ୍ୟ ମିଳିନଥିବା ବେଳେ ପ୍ରବାସୀମାନଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ବୁଝିବା ପାଇଁ କରାଯାଇଥିବା ଗୃହ ପରିଦର୍ଶନ ବାବଦ କୌଣସି ପାରିଶ୍ରମିକ ମିଳିନାହିଁ। ଏନେଇ ବୁଗୁଡ଼ା ଶାଖା ତରଫରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ତୁରନ୍ତ ଅଙ୍ଗନୱାଡ଼ି କର୍ମୀଙ୍କ ବିଭିନ୍ନ ବକେୟା ପାରିଶ୍ରମିକ ପ୍ରଦାନ ସହ ଅଙ୍ଗନୱାଡ଼ି କର୍ମୀ ସ୍ୱାଇଁଙ୍କ ପରିବାରକୁ ସହାୟତା ପ୍ରଦାନ କରିବା ପାଇଁ ସଂଘ ତରଫରୁ ସଭାପତି ବାସନ୍ତୀ ପ୍ରଧାନ ଓ ସମ୍ପାଦିକା ଅନିତା ମିଶ୍ର ଦାବି କରିଛନ୍ତି। ଏହି ସମସ୍ୟାର ସମାଧାନ ନ କଲେ ସେମାନେ କୌଣସି କାର୍ଯ୍ୟ କରିବେ ନାହିଁ ବୋଲି ମଧ ଘୋଷଣା କରିଛନ୍ତି।

# ଗଠନକୁ ପୂରିଛି ୨୭ ମାସ, ଥରେ ବି ହୋଇନି ବୈଠକ

ବ୍ରହ୍ମପୁର ଅଫିସ,୨୦।୪

**ଗଞ୍ଜାମ ଜିଲା ଶାଖା ବିଜୁ କୃଷକ ଜନତା ଦଳ**

ବିଜେଡି ଚାଷୀ ସଂଗଠନ ବିଜୁ କୃଷକ ଜନତା ଦଳ ଗଞ୍ଜାମ ଜିଲା ଶାଖା ଗଠନର ୨ ବର୍ଷ ୩ ମାସ ବିତିଛି। ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କୁ ସଭାପତି କରାଯାଇଛି। ୨୦୧୯ ଜାନୁୟାରୀ ୪ରେ ବ୍ରହ୍ମପୁରସ୍ଥ ଦଳର ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ୨୧ ନୂଆ କର୍ମକର୍ତ୍ତାଙ୍କ ନାମ ସଭାପତି ଘୋଷଣା କରିଥିଲେ। ସେଥିରେ ୬ ଉପସଭାପତି, ୨ ସାଧାରଣ ସମ୍ପାଦକ ଓ ୧୩ ସମ୍ପାଦକ ଥିଲେ। ଏହି କୃଷକ ସଂଗଠନର ବିଭିନ୍ନ ବ୍ଲକ ସଭାପତିଙ୍କ ନାମ ସୋରଡ଼ା ବିଧାୟକ ଘୋଷଣା କରିବା ସହ ସେତେବେଳେ ଆରମ୍ଭ ହୋଇଥିବା ରାଜ୍ୟ ସରକାରଙ୍କ ନୂଆ କାଳିଆ ଯୋଜନାକୁ କୃଷି ପ୍ରଧାନ ଏହି ଜିଲାରେ ଲୋକାଭିମୁଖୀ କରାଯିବାର ସୂଚନା ଦେଇଥିଲେ।

ଜିଲା ଶାଖା ଗଠନର ୨୭ ମାସ ମଧ୍ୟରେ ଥରେ ବି ବିଜୁ କୃଷକ ଜନତା ଦଳର ବୈଠକ ହୋଇନାହିଁ। ଚାଷୀଙ୍କ ସମସ୍ୟା ଓ ଏହାର ସମାଧାନ ପାଇଁ ପଦକ୍ଷେପ ନିଆଯାଇନାହିଁ। ଗଞ୍ଜାମର ସମୁଦାୟ ଜନସଂଖ୍ୟା ମଧ୍ୟରୁ ପ୍ରାୟ ୭୦ ପ୍ରତିଶତ କେବଳ ଚାଷ ବା କୃଷି ଉପରେ ନିର୍ଭର କରୁଛନ୍ତି। ପର୍ଯ୍ୟାପ୍ତ ସେଚ ସୁବିଧା ନ ଥିବାରୁ ସେମାନେ ହନ୍ତସନ୍ତ ହେଉଛନ୍ତି। ଗତ ଦୁଇ ଦଶନ୍ଧି ମଧ୍ୟରେ ଗୋଟିଏ ହେଲେ ନୂଆ ଜଳସେଚନ ପ୍ରକଳ୍ପ ନିର୍ମାଣ ହୋଇ ନ ଥିବା ବେଳେ ପୂର୍ବ କଂଗ୍ରେସ ଶାସନରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ଅନେକ ପ୍ରକଳ୍ପ ଅସମ୍ପୂର୍ଣ୍ଣ ରହିଛି। ଶାସକ ଦଳ ଜିଲା ଶାଖା କୃଷକ ସଂଗଠନ ଦ୍ୱାରା ବିଭିନ୍ନ ସମସ୍ୟାର ସନ୍ତୋଷଜନକ ସମାଧାନ ହେବାର ଚାଷୀକୁଳ ଯେଉଁ ଆଶା କରିଥିଲେ ତାହା ନିରାଶାରେ ପରିଣତ ହୋଇଛି।

ଅପରପକ୍ଷରେ ୨୧ ଜଣିଆ ଜିଲା କମିଟିରେ ବହୁ ସଂଖ୍ୟକ ଅଣଚାଷୀଙ୍କୁ କର୍ମକର୍ତ୍ତା କରାଯାଇଛି। ବ୍ରହ୍ମପୁର ମହାନଗରର କେତେକ ବ୍ୟବସାୟୀଙ୍କୁ ଏହି ସଂଗଠନର ପଦପଦବୀ ମିଳିଛି। ଯୋଗାଯୋଗ ବେଳେ ସଭାପତି ତଥା ବିଧାୟକ ସ୍ୱାଇଁ କହିଛନ୍ତି, ଏହି କୃଷକ ସଂଗଠନର ଜିଲାସ୍ତରୀୟ ସମ୍ମିଳନୀ ପାଇଁ ପ୍ରସ୍ତାବ ଦିଆଯାଇଥିଲେ ମଧ ରାଜ୍ୟ ସଂଗଠନରୁ ଅଦ୍ୟାବଧି ସବୁଜ ସଂକେତ ମିଳିନାହିଁ। ଫଳରେ ସଂଗଠନ ବିସ୍ତାର ହୋଇପାରୁନାହିଁ। ତଥାପି ପୁଣି ଉଦ୍ୟମ କରାଯାଇଛି ଓ ଆଗାମୀ ଦିନରେ ବିଜେଡିର ଚାଷୀ ସମ୍ମିଳନୀ କରାଯିବା ପ୍ରସ୍ତାବ ରହିଛି। ସେହିପରି ଗଞ୍ଜାମ ଜିଲା ବିଜେଡି ସଭାପତି ପଦରୁ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ବିତାଡ଼ିତ କରି ବ୍ରହ୍ମପୁର ପୂର୍ବତନ ବିଧାୟକ ତଥା ଓଡ଼ିଶା କୋଠାବାଡ଼ି ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କୁ ସେହି ପଦରେ ଅବସ୍ଥାପିତ କରାଯାଇଛି। ତାଙ୍କ ଦାୟିତ୍ୱର ୧୫ ମାସ ପୂରିଥିଲେ ବର୍ତ୍ତମାନ ସୁଦ୍ଧା ନୂଆ ଜିଲା କମିଟି ଗଠନ ହୋଇନାହିଁ। ଜିଲାର ବିଧାୟକ ଓ ଏମ୍‌ପିଙ୍କ ସୁପାରିସ ଅନୁସାରେ ତାଲିକା ପ୍ରସ୍ତୁତ କରାଯାଇ ରାଜ୍ୟ ସଂଗଠନକୁ ପଠାଯାଇଛି। ଅନୁମୋଦନ ପରେ ନୂଆ କମିଟି ଓ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯିବ ବୋଲି ଚ୍ୟାଉପଟ୍ଟନାୟକ ସୂଚନା ଦେଇଛନ୍ତି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCPMIVSKP2021019 ତା.12.04.2021ରିଖ

**କାର୍ଯ୍ୟର ନାମ :** ଜଗଦଳପୁର-କୋରାପୁଟ ଦୋହରୀକରଣ ପ୍ରକଳ୍ପ :- ପୂର୍ବ ତଟ ରେଳପଥର ଜରାତି-ମାଲିଗୁଡ଼ା ଷ୍ଟେସନ ମଧ୍ୟରେ ଟନେଲ ପ୍ରବେଶ ପଥ ସହିତ 06 (ଛଅ) ଗୋଟି ଟନେଲ [ଜରାତି ଠାରୁ ସିଏଚ୍.1680m ଠାରୁ 2000m ପର୍ଯ୍ୟନ୍ତ T-1, ସିଏଚ୍.3160m ଠାରୁ 3500m ପର୍ଯ୍ୟନ୍ତ T-2, ସିଏଚ୍.4400m ଠାରୁ 4660m ପର୍ଯ୍ୟନ୍ତ T-3, ସିଏଚ୍.5120m ଠାରୁ 5440m ପର୍ଯ୍ୟନ୍ତ T-4, ସିଏଚ୍.6140m ଠାରୁ 6440m ପର୍ଯ୍ୟନ୍ତ T-5 ଏବଂ ସିଏଚ୍.10070m ଠାରୁ 10400m ପର୍ଯ୍ୟନ୍ତ T-6] ର ନିର୍ମାଣ ତଥା ଅନ୍ୟ ସମ୍ପର୍କିତ କାର୍ଯ୍ୟସମୂହ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 8585.41ଲକ୍ଷ,
କାର୍ଯ୍ୟ ଶେଷ ହେବା ଅବଧି: 30 (ତିରିଶ) ମାସ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.13.05.2021ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-C / G ଏବଂ G1 ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଭାଗ 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-05/CE/21-22

